# ଅଧ୍ୟାୟ 1: ଅବଲୋକନ

## 1.1 ଉପକ୍ରମ

କେତେକ ରାଜ୍ୟ ସରକାରୀ ବିଭାଗ ଓ ଗୋଟିଏ ସ୍ୱୟଂଶାସିତ ସଂସ୍ଥାର ଅଡିଟ୍‌ରୁ ପ୍ରାପ୍ତ ବିଷୟବସ୍ତୁଗୁଡ଼ିକ ଏହି ପ୍ରତିବେଦନ ମଧ୍ୟରେ ସ୍ଥାନିତ । ଅଡିଟ୍‌ର ଗୁରୁତ୍ୱପୂର୍ଣ୍ଣ ଫଳାଫଳଗୁଡ଼ିକୁ ବିଧାନସଭାର ଦୃଷ୍ଟିକୁ ଆଣିବା ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ପ୍ରତିବେଦନର ଫଳାଫଳଗୁଡ଼ିକ, ଉତ୍ତମ ଶାସନରେ ଯୋଗଦାନ କରୁଥିବା ଉନ୍ନତ ସଂସ୍ଥାଗତ ଆର୍ଥିକ ପରିଚାଳନା ନିମନ୍ତେ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ ତଥା ନୀତି ଓ ନିର୍ଦ୍ଦେଶାବଳୀ ପ୍ରଣୟନ ପାଇଁ କାର୍ଯ୍ୟକାରିଣୀକୁ ସକ୍ଷମ କରିବା ଆଶା କରାଯାଏ ।

## 1.2 ପ୍ରତିବେଦନର ସଂରଚନା

ପ୍ରତିବେଦନଟି ନିମ୍ନ ଅଧ୍ୟାୟଗୁଡ଼ିକୁ ନେଇ ସଙ୍ଗଠିତ:

**ଅଧ୍ୟାୟ 1:** ଏହି ପ୍ରତିବେଦନରେ ସ୍ଥାନିତ ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ମନ୍ତବ୍ୟ ସମ୍ବଳିତ ଅବଲୋକନ ।

**ଅଧ୍ୟାୟ 2:** "ରାଜ୍ୟରେ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନଙ୍କର କଲ୍ୟାଣ" ସମ୍ପର୍କିତ ନିଷ୍ପାଦନ ସମୀକ୍ଷା ପ୍ରତିବେଦନ ।

**ଅଧ୍ୟାୟ 3:** (କ) ରାଜ୍ୟର ଏସ୍‌ଟି ମହିଳା ଛାତ୍ରୀନିବାସଗୁଡ଼ିକର ନିର୍ମାଣ, (ଖ) ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଏବଂ (ଗ) 2017-18 ଆର୍ଥିକ ବର୍ଷ ପାଇଁ ଜିଏସ୍‌ଟି ପ୍ରଦାନ ଓ ରିଟର୍ଣ୍ଣ ଦାଖଲ ଉପରେ ବିଭାଗର ପର୍ଯ୍ୟବେକ୍ଷଣ ସମ୍ପର୍କୀତ ବିସ୍ତୃତ ଅନୁପାଳନ ସମୀକ୍ଷା ।

**ଅଧ୍ୟାୟ 4:** ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ।

## 1.3 ଏହି ପ୍ରତିବେଦନର ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ମନ୍ତବ୍ୟ

ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ମନ୍ତବ୍ୟଗୁଡ଼ିକ ନିମ୍ନ ଅନୁଚ୍ଛେଦଗୁଡ଼ିକରେ ସଂକ୍ଷେପରେ ଉପସ୍ଥାପନ କରାଯାଇଛି:

### 1.3.1 ରାଜ୍ୟରେ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନଙ୍କର କଲ୍ୟାଣ ସମ୍ପର୍କିତ ନିଷ୍ପାଦନ ସମୀକ୍ଷା

କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନଙ୍କର ନିଯୋଜନ ଓ ଚାକିରୀ ସର୍ତ୍ତାବଳୀକୁ ନିୟନ୍ତ୍ରଣ ଓ ସେସ୍ ଧାର୍ଯ୍ୟ ତଥା ଆଦାୟ କରିବା ପାଇଁ ଭାରତ ସରକାର କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ରୋଜଗାର ନିୟମ ଓ ଚାକିରୀ ସର୍ତ୍ତାବଳୀ) ଅଧିନିୟମ, 1996 ପ୍ରଣୟନ କରିଥିଲେ । ନିର୍ମାଣ ମୂଲ୍ୟର ଏକ ପ୍ରତିଶତ ହାରରେ ସେସ୍ ଆଦାୟ ଏବଂ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ବିଓସି) ମାନଙ୍କର କଲ୍ୟାଣ ନିମନ୍ତେ ଏହାର ବିନିଯୋଗ ପାଇଁ ଓଡ଼ିଶା ସରକାର, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଅଧିନରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ (ବୋର୍ଡ) ଗଠନ କରିଥିଲେ । ଶ୍ରମ ସେସ୍‌ର ଆଦାୟ ଓ ବିନିଯୋଗରେ ଦକ୍ଷତା ଆକଳନ ଉଦ୍ଦେଶ୍ୟରେ ଏକ ନିଷ୍ପାଦନ ସମୀକ୍ଷା ପରିଚାଳନା କରାଯାଇଥିଲା । ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ଫଳାଫଳଗୁଡ଼ିକ ନିମ୍ନରେ ଦର୍ଶାଯାଇଛି:

- ସରକାରୀ ବିଭାଗଗୁଡ଼ିକ, ସଂସ୍ଥା/ ନିଯୁକ୍ତିଦାତା ଭାବରେ ବୋର୍ଡ଼ରେ ସେମାନଙ୍କର ପଞ୍ଜିକରଣ ବାବଦରେ ପ୍ରାଥମିକ ଦୋଷୀ ଥିଲେ, ଫଳତଃ ନିର୍ମାଣ ଠିକାଦାର ଓ ସେମାନଙ୍କ ଦ୍ୱାରା ନିୟୋଜିତ ବିଓସି ଶ୍ରମିକମାନେ ବୋର୍ଡରେ ପଞ୍ଜିକୃତ ହୋଇ ନଥିଲେ ।

- ଜୁଲାଇ 2020 ସୁଦ୍ଧା ବୋର୍ଡ଼ ଆକଳନ କରିଥିବା 41.70 ଲକ୍ଷ ବିଓସି ଶ୍ରମିକ ବିପକ୍ଷରେ ମାର୍ଚ୍ଚ 2022 ସୁଦ୍ଧା 36.74 ଲକ୍ଷ ବିଓସି ଶ୍ରମିକ ବୋର୍ଡ଼ରେ ପଞ୍ଜିକୃତ ହୋଇଥିଲେ ।

- ପାଞ୍ଚଟି ନମୁନା ଜିଲ୍ଲାରେ କୋଭିଡ୍-19 ମହାମାରୀ ପାଇଁ ଜାରି କରାଯାଇଥିବା ବନ୍ଦ ସମୟରେ ରାଜ୍ୟକୁ ଫେରିଥିବା 38,023 ପ୍ରବାସୀ ଶ୍ରମିକଙ୍କ ମଧ୍ୟରୁ ମାତ୍ର 3,457 ଜଣ ଶ୍ରମିକ ପ୍ରବାସୀ ଶ୍ରମିକ ବୋର୍ଡ଼ରେ ପଞ୍ଜିକୃତ ହୋଇଥିଲେ ।

- 399 ଟି ନମୂନା ବିଓସି କାର୍ଯ୍ୟ କ୍ଷେତ୍ରରେ 67.12 ଲକ୍ଷ ଟଙ୍କା ମୂଲ୍ୟର ସେସ୍ ଆଦାୟ କରାଯାଇନଥିଲା । 418 ଟି କାର୍ଯ୍ୟ ବାବଦରେ ଡିମାଣ୍ଡ ଡ୍ରାଫ୍ଟ ଓ ଚେକ୍ ମାଧ୍ୟମରେ ପ୍ରାପ୍ତ 5.72 କୋଟି ଟଙ୍କାର ସେସ୍ ଜମା କରାଯାଇନଥିଲା ଓ ସେଗୁଡ଼ିକୁ ପୁନର୍ବାର ବୈଧ ମଧ୍ୟ କରାଯାଇନଥିଲା । 2017-18 ଠାରୁ 2021-22 ଅବଧିରେ ଚାରିଟି ଉନ୍ନୟନ କର୍ତ୍ତୃପକ୍ଷ, ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କାର୍ଯ୍ୟ ବାବଦରେ କାର୍ଯ୍ୟନିର୍ବାହୀଙ୍କ ଠାରୁ ଆଦାୟ କରିଥିବା 13.97 କୋଟି ଟଙ୍କାର ସେସ୍ ଜମା କରିନଥିଲେ ।
- 2017-18 ଠାରୁ 2021-22 ଅବଧିରେ 2,875.85 କୋଟି ଟଙ୍କାର ଉପଲବ୍ଧ ରାଶି ମଧ୍ୟରୁ ବୋର୍ଡ଼ 2,301.29 କୋଟି ଟଙ୍କା (80 ପ୍ରତିଶତ) ବିନିଯୋଗ କରିଥିଲେ । ମୋଟ ବିନିଯୋଗ ମଧ୍ୟରୁ 28.09 କୋଟି ଟଙ୍କା ପ୍ରଶାସନିକ ବ୍ୟୟ ଥିଲା ଓ ଅବଶିଷ୍ଟ 2,273.20 କୋଟି ଟଙ୍କା କଲ୍ୟାଣ ଯୋଜନାଗୁଡ଼ିକ ପାଇଁ ଖର୍ଚ୍ଚ କରାଯାଇଥିଲା ।
- ବୋର୍ଡ଼ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମାଧ୍ୟମରେ ବିଓସି ଶ୍ରମିକମାନଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରୁଥିଲେ । କିନ୍ତୁ, ବୋର୍ଡ଼ ଦ୍ୱାରା ପ୍ରଦାନ କରାଯାଇଥିବା ପାଣ୍ଠିର ବିନିଯୋଗର ଅଗ୍ରଗତି କିମ୍ବା ଯୋଜନା କାର୍ଯ୍ୟାନ୍ୱୟନର ଅଗ୍ରଗତିର ପର୍ଯ୍ୟବେକ୍ଷଣ ବୋର୍ଡ ଦ୍ୱାରା କରାଯାଉନଥିଲା ।
- ଯଦିଓ, ବିଓସି ଶ୍ରମିକମାନଙ୍କ କଲ୍ୟାଣ ବିନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପାଇଁ ସେସ୍ ପାଣ୍ଠିର ବିନିଯୋଗ ଉଦ୍ଦିଷ୍ଟ ଥିଲା, ସେସ୍ ପାଣ୍ଠି ଅନ୍ୟାନ୍ୟ ଉଦ୍ଦେଶ୍ୟରେ ମଧ୍ୟ ବିନିଯୋଗ ହୋଇଥିବା ଲକ୍ଷ୍ୟ କରାଯାଇଥିଲା ।
- 2014-15 ଆର୍ଥିକ ବର୍ଷ ଠାରୁ ବୋର୍ଡ଼ର ବାର୍ଷିକ ହିସାବ ପତ୍ର ବାକି ରହିଥିବା, ଆୟକର ରିଟର୍ଣ୍ଣ ଦାଖଲ କରାଯାଉନଥିବା ଇତ୍ୟାଦି ହେତୁ ସେସ୍ ପାଣ୍ଠିର ପରିଚାଳନା ଦୁର୍ବଳ ଥିଲା । ଅଧିକନ୍ତୁ, ବୋର୍ଡ଼ର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଥିଲା ।

### 1.3.2 ରାଜ୍ୟରେ ଏସ୍‌ଟି ମହିଳା ଛାତ୍ରୀ ନିବାସଗୁଡ଼ିକର ନିର୍ମାଣ ଓ କାର୍ଯ୍ୟକାରିତା

(କ) ନାମ ଲେଖାରେ ଅଧିକତର ଉନ୍ନତି ଓ ନିରନ୍ତରତା ତଥା ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନୁସୂଚିତ ଜନଜାତି (ଏସ୍‌ଟି) ଛାତ୍ରୀଛାତ୍ରଙ୍କର ପାଠପଢ଼ା ଛାଡ଼ିବା ହାରକୁ ହ୍ରାସ କରିବା, (ଖ) ଏସ୍‌ଟି ଜନସଂଖ୍ୟା ମଧ୍ୟରେ ମହିଳା ସାକ୍ଷରତାର ଉଲ୍ଲେଖନୀୟ ବୃଦ୍ଧି ଓ (ଗ) ଏସ୍‌ଟି ମହିଳାମାନଙ୍କୁ ଶିକ୍ଷିତ କରାଇ ସଶକ୍ତ କରିବା ଉଦ୍ଦେଶ୍ୟରେ, ଓଡ଼ିଶା ସରକାର ବ୍ଲକ୍ ମହକୁମା ଓ ଅନ୍ୟାନ୍ୟ ପ୍ରମୁଖ ସ୍ଥାନ ଗୁଡ଼ିକରେ ଛାତ୍ରାବାସଗୁଡ଼ିକର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ । ଏକ ବିସ୍ତୃତ ଅନୁପାଳନ ସମୀକ୍ଷାରୁ ନିମ୍ନ ବିଷୟଗୁଡ଼ିକ ଜଣାପଡ଼ିଥିଲା:

- 2007-08 ରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ ଏସ୍‌ଏସ୍‌ଡି ବିଭାଗ 1,524 ଅନୁସୂଚିତ ଜନଜାତି ଛାତ୍ରୀନିବାସ (ଏସ୍‌ଟିଜିଏଚ୍) ନିର୍ମାଣ ପାଇଁ 857.15 କୋଟି ଟଙ୍କା ଅନୁମୋଦନ କରିଥିଲେ । ଏହା ମଧ୍ୟରୁ, ମାର୍ଚ୍ଚ 2022 ସୁଦ୍ଧା 1,471 ଟି ଏସ୍‌ଟିଜିଏଚ୍ କାର୍ଯ୍ୟକ୍ଷମ ଥିଲା ଓ 53 ଟି ଏସ୍‌ଟିଜିଏଚ୍ କାର୍ଯ୍ୟକ୍ଷମ ନଥିଲା ।
- କାର୍ଯ୍ୟକ୍ଷମ ନଥିବା 53 ଟି ଏସ୍‌ଟିଜିଏଚ୍ ମଧ୍ୟରୁ 2009-10 ଠାରୁ 2020-21 ଆର୍ଥିକ ବର୍ଷ ଅବଧିରେ ଅନୁମୋଦନ ଲାଭ କରିଥିବା 13 ଟି ଏସ୍‌ଟିଜିଏଚ୍ ଅସମ୍ପୂର୍ଣ୍ଣ ରହିଥିଲା । 1 ରୁ 12 ବର୍ଷ ବିତିଯାଇଥିବା ସତ୍ତ୍ୱେ, ପାଣ୍ଠି ଅନୁମୋଦନ କର୍ତ୍ତୃପକ୍ଷ, ଏସ୍‌ଏସ୍‌ଡି ବିଭାଗ, ଉପୁଜିଥିବା ବାଧାବିଘ୍ନଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏସ୍‌ଟିଜିଏଚ୍ ଗୁଡ଼ିକର ନିର୍ମାଣ ବିଷୟରେ ଧ୍ୟାନ ଦେଇନଥିଲେ । ପରିଣାମସ୍ୱରୂପ, ଏହି କାର୍ଯ୍ୟଗୁଡ଼ିକରେ ବ୍ୟୟ ହୋଇଥିବା 5.32 କୋଟି ଟଙ୍କାରୁ କୌଣସି ସୁଫଳ ମିଳିନଥିଲା ।
- ସୀମା ପ୍ରାଚୀର ନିର୍ମାଣ ହୋଇନଥିବା ହେତୁ, 2009-10 ରୁ 2020-21 ଆର୍ଥିକ ବର୍ଷ ଅବଧିରେ ଅନୁମୋଦନ ହୋଇଥିବା ଓ 10.98 କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିବା 16 ଟି ଏସ୍‌ଟିଜିଏଚ୍ ଉଦ୍ଦିଷ୍ଟ ବିଦ୍ୟାଳୟଗୁଡ଼ିକର କର୍ତ୍ତୃପକ୍ଷମାନଙ୍କୁ ହସ୍ତାନ୍ତର କରାଯାଇନଥିଲା ।

- 6.87 କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇ ଡିସେମ୍ବର 2012 ଓ ଅଗଷ୍ଟ 2020 ମଧ୍ୟରେ ହସ୍ତାନ୍ତର କରାଯାଇଥିବା ନଅଟି ଏସ୍‌ଟିଜିଏଚ୍, ଭଗ୍ନ ଶୌଚାଳୟ, ଚଟାଣ ଓ ବିଦ୍ୟୁତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା, କାର୍ଯ୍ୟକ୍ଷମ ନଥିବା ଜଳଯୋଗାଣ ବ୍ୟବସ୍ଥା, ଇତ୍ୟାଦି କାରଣରୁ ବ୍ୟବହାର କରାଯାଇନଥିଲା ।

- ସମ୍ପୃକ୍ତ ଆଇଟିଡିଏଗୁଡ଼ିକର କର୍ମଚାରୀମାନଙ୍କ ସହିତ 69 ଟି ଏସ୍‌ଟିଜିଏଚ୍‌ରେ ମିଳିତ ବସ୍ତୁଗତ ନିରୀକ୍ଷଣରୁ, ଅଡିଟ୍ ଲକ୍ଷ୍ୟ କଲେ ଯେ:

  - ଛଅଟି ଏସ୍‌ଟିଜିଏଚ୍‌ର ବସବାସ କୋଠରୀଗୁଡ଼ିକର ଉପଲବ୍ଧ ଜାଗା, ମାନଦଣ୍ଡ ଠାରୁ କମ୍ ଥିଲା, ଯାହା ସିପିଡବ୍ଲୁଡି ନିର୍ଦ୍ଧାରିତ ମାନଦଣ୍ଡ ଠାରୁ 51.05 ରୁ 78.40 ପ୍ରତିଶତ ପର୍ଯ୍ୟନ୍ତ କମ୍ ଥିଲା । ଫଳସ୍ୱରୁପ, ପ୍ରତ୍ୟେକ ଅନ୍ତେବାସୀଙ୍କ ପାଇଁ କୋଠରୀ ମଧ୍ୟରେ ଖଟ ସହିତ ଶେଯ ପକାଯାଇପାରୁନଥିଲା । ଅନ୍ତେବାସୀମାନେ ବସିବା ଓ ଶୋଇବା ପାଇଁ ନିଜ ମଧ୍ୟରେ ଖଟ ପାଇଁ ବୁଝାମଣା କରିବାକୁ ବାଧ ହେଉଥିଲେ ।

  - 18 ଟି ଏସ୍‌ଟିଜିଏଚ୍‌ରେ ଅନ୍ତେବାସୀମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପଲବ୍ଧ ନଥିଲା । 10 ଟି ଏସ୍‌ଟିଜିଏଚ୍‌ରେ ଯୋଗାଇ ଦିଆଯାଇଥିବା ଜଳ ବିଶୋଧକଗୁଡ଼ିକ ପ୍ରାପ୍ତ ତାରିଖ ଠାରୁ ତିନି ରୁ ନଅ ମାସ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନଥିଲା, ଗୋଟିଏ ଏସ୍‌ଟିଜିଏଚରେ ତାହା ପ୍ରାପ୍ତ ତାରିଖ ଠାରୁ ଛଅ ମାସ ପର୍ଯ୍ୟନ୍ତ ସ୍ଥାପନ କରାଯାଇନଥିଲା ।

  - 26 ଟି ଏସ୍‌ଟିଜିଏଚ୍‌ରେ ଆବଶ୍ୟକୀୟ ଶୌଚାଳୟ ସଂଖ୍ୟାରେ ସ୍ୱଳ୍ପତା (ଏକ ରୁ ଆଠ ପର୍ଯ୍ୟନ୍ତ) ଥିଲା ।

  - ତିନିଟି ଏସ୍‌ଟିଜିଏଚ୍‌ରେ ପାଇପ୍ ଯୋଗେ ଜଳ ଯୋଗାଣ କରାଯାଉନଥିଲା । ଛାତ୍ରୀମାନେ, ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ମେଣ୍ଟାଇବା ପାଇଁ ନଳକୂପରୁ ଜଳ ଆଣିବାକୁ ପଡୁଥିଲା ।

  - ରୋଷେଇ ସ୍ଥଳ ଓ ଭୋଜନ ସ୍ଥଳଗୁଡ଼ିକ ଯଥାକ୍ରମେ 39 ଓ 41 ଟି ଏସ୍‌ଟିଜିଏଚ୍‌ରେ ଉପଲବ୍ଧ ନଥିଲା ।

  - ଏହିପରି ଭାବରେ, ଏହି ଛାତ୍ରୀମାନଙ୍କୁ ମାନଯୁକ୍ତ ରହିବା ବ୍ୟବସ୍ଥା ଯୋଗାଇ ଦିଆଯାଇନଥିଲା ।

- ମରାମତି ଓ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଥିବା ଅଧିକାଂଶ ଏସ୍‌ଟିଜିଏଚ୍ ପାଇଁ ଆଇଟିଡିଏଗୁଡ଼ିକ ଏସ୍‌ଏସ୍‌ଡି ବିଭାଗ ନିକଟରେ ଏହି ଉଦ୍ଦେଶ୍ୟରେ ପାଣ୍ଠି ପ୍ରଦାନ ପାଇଁ ଆବଶ୍ୟକୀୟ ପ୍ରସ୍ତାବ ଉପସ୍ଥାପନ କରିନଥିଲେ ।

- ଛାତ୍ରାବାସ ଅଧିକ୍ଷକ, ପାଚକ ତଥା ସେବକ, ପରିମଳ କର୍ମଚାରୀ, ଦେଖାରଖା କରୁଥିବା କର୍ମଚାରୀ, ଇତ୍ୟାଦି ଭଳି ଗୁରୁତ୍ୱପୂର୍ଣ୍ଣ କର୍ମଚାରୀମାନଙ୍କର ଅଭାବ କିମ୍ବା ଅପର୍ଯ୍ୟାପ୍ତତା ବିଷୟ ଲକ୍ଷ୍ୟ କରାଯାଇଥିଲା । ଚାରିଟି ଏସ୍‌ଟିଜିଏଚ୍‌ରେ ପାଚକ ତଥା ସେବକମାନଙ୍କର ଅଭାବ ହେତୁ, ଛାତ୍ରୀମାନେ ନିଜର ଖାଦ୍ୟ ରାନ୍ଧୁଥିଲେ ।

- 2019-20 ଆର୍ଥିକ ବର୍ଷରେ, ଅନ୍ତେବାସୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସ୍ୱାସ୍ଥ୍ୟ ଅଧିକାରୀ/ ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଦ୍ୱାରା 34 ଟି ଏସ୍‌ଟିଜିଏଚ୍ ପରିଦର୍ଶନ କରାଯାଇନଥିଲା । ଆଇଟିଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ଡିଡବ୍ଲୁଓ ଓ ସହକାରୀ ଡିଡବ୍ଲୁଓ ମାନଙ୍କର ପରିଦର୍ଶନ ପର୍ଯ୍ୟାପ୍ତ ନଥିଲା ଏବଂ ଏହି ବାବଦରେ 74 ରୁ 93 ପ୍ରତିଶତ ସ୍ୱଳ୍ପତା ରହିଥିଲା ।

### 1.3.3 ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ

ରାଜ୍ୟ ସରକାରଙ୍କ ବଜେଟ୍ ଠାରୁ ଆକାଉଣ୍ଟସ୍ ପର୍ଯ୍ୟନ୍ତ ସମଗ୍ର ଆର୍ଥିକ ପରିଚାଳନା ଚକ୍ର ପାଇଁ ସତ୍ୟତାର ଏକକ ଉତ୍ସକୁ ସୁଗମ କରିବା ପାଇଁ, ଓଡ଼ିଶା ସରକାରଙ୍କ ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (ଆଇଏଫ୍‌ଏମ୍‌ଏସ୍) ଏକ ସଫ୍ଟୱେୟାର ଆପ୍ଲିକେସନ୍ । ଆଇଏଫ୍‌ଏମ୍‌ଏସ୍‌ର ବିସ୍ତୃତ ଅନୁପାଳନ ସମୀକ୍ଷାରୁ ନିମ୍ନ ବିଷୟଗୁଡ଼ିକ ଜଣାପଡ଼ିଥିଲା:

- ପ୍ରକଳ୍ପ ପରିଚାଳନା ୟୁନିଟ୍, ପ୍ରକଳ୍ପ ଇ-ମିଶନ୍ ଟିମ୍ ଓ ପ୍ରକଳ୍ପ ଷ୍ଟିଅରିଂ କମିଟି ନିର୍ଦ୍ଧାରିତ ପର୍ଯ୍ୟାୟ କ୍ରମରେ ସେମାନଙ୍କର ବୈଠକ କରିନଥିଲେ । ପ୍ରକଳ୍ପ ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ବିପଦଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ନଜର ମଧ୍ୟରେ ରଖିବା ପାଇଁ, ଏହି କମିଟିଗୁଡ଼ିକ ସର୍ବୋତ୍ତମ ପ୍ରଚଳିତ କାର୍ଯ୍ୟପନ୍ଥା ଆପଣାଇ ନଥିଲେ ।

- ଆଇଏଫ୍ଏମ୍ଏସ୍ 1.0 ରାଜିନାମାରେ ସଫ୍ଟୱେୟାର ବିକାଶର ପ୍ରସ୍ତାବ ପରିଚାଳନା ଓ ରକ୍ଷଣାବେକ୍ଷଣ ସହଭାଗୀ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାଗୁଡ଼ିକ ବାଧ୍ୟତାମୂଳକ କରାଯାଇନଥିଲା, ଯାହାଫଳରେ ବିଦ୍ୟମାନ ଠିକାଦାରଙ୍କ ଉପରେ ଅଯଥା ଓ ଅତ୍ୟଧିକ ନିର୍ଭର କରିବାକୁ ପଡୁଥିଲା ଓ ଆଇଏଫ୍ଏମ୍ଏସ୍ 2.0 ପାଇଁ ବିଡରମାନଙ୍କ ସଂଖ୍ୟାରେ ସମ୍ଭାବ୍ୟ ହ୍ରାସ ଘଟିଥିଲା ।

- ଚାରି ପ୍ରକାରର ଅନୁମୋଦନ ନିର୍ଦ୍ଦେଶ: (କ) ଅବ୍ୟବହୃତ ଛୁଟି ଦରମା, (ଖ) ଔଷଧ ବାବଦକୁ ଫେରସ୍ତ ଦାବି, (ଗ) ଷ୍ଟାଇପେଣ୍ଡ ଓ ବୃତ୍ତି ଏବଂ (ଘ) ଯାତାୟତ ଭତ୍ତା, ଆଇଏଫ୍ଏମ୍ଏସ୍‌ରେ କାର୍ଯ୍ୟାନ୍ୱିତ କରାଯାଇନଥିଲା ।

- ଯେଉଁ ଆକାଉଣ୍ଟ୍ ହେଡ୍ ଅଧିନରେ ବ୍ୟୟ ପରିମାଣ ଅନୁମୋଦନ କରାଯାଇପାରିବ, ସେଗୁଡ଼ିକ ସେହି ଧରଣର ବ୍ୟୟ ପାଇଁ ଅନୁମୋଦିତ ଆକାଉଣ୍ଟ୍ ହେଡ୍ ସହିତ ସଂଯୋଗ କରାଯାଇନଥିଲା । ଯାହାଫଳରେ, 'ସହାୟତା ଅନୁଦାନ' ପ୍ରକାରର ଅନୁମୋଦନ ନିର୍ଦ୍ଦେଶ କ୍ୟାପିଟାଲ୍ ବିଭାଗ ଆକାଉଣ୍ଟ୍ ହେଡ୍‌ରେ ସୃଷ୍ଟି କରାଯାଇଥିଲା, ଯାହାଫଳରେ ଭାରତ ସରକାରଙ୍କ ଆକାଉଣ୍ଟିଂ ମାନକ 2 ର ଉଲ୍ଲଂଘନ ହୋଇଥିଲା ।

- "ବିଭିନ୍ନ ଯୋଜନା ଅଧିନରେ ସାଧାରଣ ପ୍ରକାରର ବ୍ୟୟ" ଧରଣର ଅନୁମୋଦନ ନିର୍ଦ୍ଦେଶ ପାଇଁ ଆଇଏଫ୍ଏମ୍ଏସ୍‌ରେ ଡାଟା ବୈଧିକରଣ ନିୟନ୍ତ୍ରଣ କାର୍ଯ୍ୟାନ୍ୱିତ କରାଯାଇନଥିଲା । ଏହାଫଳରେ ଦେୟ ପ୍ରଦାନ କରାଯିବାକୁ ଥିବା ହିତାଧିକାରୀମାନଙ୍କର ବିବରଣୀ ସାଧାରଣ ଭାବରେ ପୂରଣ କରାଯାଇପାରୁଥିବା ହେତୁ, ତ୍ରୁଟି/ ଠକାମିର ଯଥେଷ୍ଟ ଆଶଙ୍କା ଥିଲା ।

- ବିଲ୍ ପ୍ରସ୍ତୁତି ସମୟରେ ଓ ଉପସ୍ଥାପନ ପୂର୍ବରୁ ଏକ ଅନ୍ତର୍ନିହିତ ଓ ବୈଧ ଅନୁମୋଦନ ସହିତ ସେଗୁଡ଼ିକର ବାଧ୍ୟତାମୂଳକ ସଂଯୋଗ ପାଇଁ ଆଇଏଫ୍ଏମ୍ଏସ୍‌ରେ ବୈଧିକରଣ ନିୟନ୍ତ୍ରଣ ନଥିଲା । ରାଜ୍ୟ ସରକାରଙ୍କ ଦ୍ୱାରା ଖର୍ଚ୍ଚ କରାଯିବା ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ଯାଞ୍ଚଗୁଡ଼ିକ କାର୍ଯ୍ୟକାରୀ କରାଯାଉନଥିବା ହେତୁ, ଏହା ଏକ ପ୍ରମୁଖ ଓ ଗୁରୁତର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଅସଫଳତା ଥିଲା ।

- ପ୍ରତ୍ୟେକ ଅନୁମୋଦନ ବିପକ୍ଷରେ, ପ୍ରତ୍ୟାହାର କରାଯିବାକୁ ଥିବା ଅବଶିଷ୍ଟ ଉପଲବ୍ଧ ପାଣ୍ଠିର ପରିମାଣ, ବିଶେଷ କରି ଗୋଟିଏ ଅନୁମୋଦନ ବିପକ୍ଷରେ ଏକାଧିକ ବିଲ୍ ଉପସ୍ଥାପନ କ୍ଷେତ୍ରରେ ଆଇଏଫ୍ଏମ୍ଏସ୍ ଜାଣିପାରି ନଥିଲା ।

- ସରକାରୀ ଖାତାରେ ବାସ୍ତବରେ ଟଙ୍କା ଜମା ବିନା, ଆଇଏଫ୍ଏମ୍ଏସ୍‌ରେ ଚାଲାଣ ପ୍ରସ୍ତୁତ କରାଯାଇପାରୁନଥିଲା ।

- ନିର୍ମାଣ ଠିକାଦାରମାନଙ୍କର ମାଷ୍ଟର ଡାଟା ଓ କାର୍ଯ୍ୟ ଆଇଡି, ୱାର୍କସ୍ ଏକାଉଣ୍ଟ୍ ମ୍ୟାନେଜ୍‌ମେଣ୍ଟ୍ ଇନଫର୍ମେସନ୍ ସିଷ୍ଟମ୍ (ଡବ୍ଲୁଏମ୍ଆଇଏସ୍) ନାମିତ ଅନ୍ୟ ଏକ ସଫ୍ଟୱେୟାର ଆପ୍ଲିକେସନ୍‌ରେ ଗଚ୍ଛିତ ରଖାଯାଇଛି । ଦେୟ ପ୍ରଦାନ ଉଦ୍ଦେଶ୍ୟରେ, ଦେୟ ପ୍ରଦାନ କରାଯାଉଥିବା ହିତାଧିକାରୀଙ୍କ ବିବରଣୀ ଡବ୍ଲୁଏମ୍ଆଇଏସ୍-ଆଇଏଫ୍ଏମ୍ଏସ୍ ଇଣ୍ଟରଫେସ୍ ମାଧ୍ୟମରେ ଯୋଗାଯୋଗ ପରିବର୍ତ୍ତେ, ସେହି ବିବରଣୀଗୁଡ଼ିକ ଅଫ୍‌ଲାଇନ୍ ଧାରାରେ ଯୋଗାଯୋଗ କରାଯାଇଛି । ଏହି ଦେୟ ପ୍ରଦାନ ହିତାଧିକାରୀମାନଙ୍କ ବିବରଣୀ, ପ୍ରସ୍ତୁତ ଓ ଯାଞ୍ଚ ପାଇଁ ପୃଥକ ଭୂମିକା ବ୍ୟବସ୍ଥା ବିନା ଜଣେ ଏକକ ବ୍ୟବହାରକାରୀଙ୍କ ଦ୍ୱାରା ମଧ୍ୟ ଆଇଏଫ୍ଏମ୍ଏସ୍ ମଧ୍ୟରେ ପ୍ରବେଶ କରାଯାଇଛି । ତେଣୁ, ନାମ, ବ୍ୟାଙ୍କ ଖାତା ନମ୍ବର, ଆଇଏଫ୍ଏସ୍‌ସି, ମୋବାଇଲ୍ ନମ୍ବର, ପିଏଏନ୍ ନମ୍ବର, ଇତ୍ୟାଦି ଭଳି ଦେୟ ପ୍ରଦାନ ହିତାଧିକାରୀ ବିବରଣୀଗୁଡ଼ିକ ଅନ୍ୟ କୌଣସି ବରିଷ୍ଠ ଅଧିକାରୀଙ୍କ ତଦାରଖ ଓ ଦୃଶ୍ୟମାନତା ବିନା, ଏକକ ବ୍ୟବହାରକାରୀଙ୍କ ଦ୍ୱାରା ପରିବର୍ତ୍ତନ କରାଯିବାର ଯଥେଷ୍ଟ ଆଶଙ୍କା ଥିଲା ।

- ଆଇଏଫ୍ଏମ୍ଏସ୍‌ର ସହାୟକ କାର୍ଯ୍ୟକାରୀତାଗୁଡ଼ିକ ମଧ୍ୟରେ, ବିପର୍ଯ୍ୟୟ ପ୍ରତିକାର ପାଇଁ ଆବଶ୍ୟକତାଗୁଡ଼ିକର ଅନୁପାଳନ ହୋଇନଥିବା ଘଟଣା ରହିଥିଲା । 2017-18 ଠାରୁ 2021-22, ପାଞ୍ଚଟି ଆର୍ଥିକ ବର୍ଷ ଅବଧିରେ, ଛଅ ମାସରେ ଥରେ ବିପର୍ଯ୍ୟୟ ପ୍ରତିକାର ଡ୍ରିଲ୍ ପରିଚାଳନାର ରାଜିନାମା ବ୍ୟବସ୍ଥା ବିପକ୍ଷରେ ମାତ୍ର ଦୁଇଥର ବିପର୍ଯ୍ୟୟ ପ୍ରତିକାର ଡ୍ରିଲ୍ ପରିଚାଳନା କରାଯାଇଥିଲା ।

### 1.3.4 2017-18 ବର୍ଷ ପାଇଁ ଜିଏସ୍‌ଟି ଦେୟ ଓ ରିଟର୍ଣ୍ଣ ଉପରେ ବିଭାଗର ତଦାରଖ

ଭାରତ ସରକାର ଜୁଲାଇ 2017 ଠାରୁ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଅଧିନିୟମ 2017 କାର୍ଯ୍ୟକାରୀ କରିଥିଲେ । ଏକ ବିଷୟ ବିନିର୍ଦ୍ଦିଷ୍ଟ ଅନୁପଳନ ସମୀକ୍ଷା ଜାଣିବାକୁ ପାଇଥିଲେ ଯେ:

- କେନ୍ଦ୍ରୀକୃତ ସମୀକ୍ଷା ପାଇଁ ଚୟନ କରାଯାଇଥିବା 264 କରଦାତାଙ୍କ କ୍ଷେତ୍ରରେ ଇନ୍‌ପୁଟ୍ ଟାକ୍ସ କ୍ରେଡିଟ୍, ଟିକସ ଯୋଗ୍ୟ କାରବାର ପରିମାଣ ଓ ଟିକସ ଦେୟ ମଧ୍ୟରେ 3,805.41 କୋଟି ଟଙ୍କାର ଅମେଳକ ଥିଲା ।

- 38.33 କୋଟି ଟଙ୍କାର ଇନ୍‌ପୁଟ୍ କ୍ରେଡିଟ୍‌ର ବିନିଯୋଗରେ ବିଚ୍ୟୁତି, 71.91 କୋଟି ଟଙ୍କାର ଟିକସ ଦେୟ ପ୍ରଦାନରେ ଅମେଳକ, 2.78 କୋଟି ଟଙ୍କାର ଆଇଟିସି ଫେରସ୍ତ ନହେବା, 10.78 କୋଟି ଟଙ୍କାର ଅଣ-ଜିଏସ୍‌ଟି/ ଶୂନ୍ୟ ମାନ୍ୟତା ଯୋଗାଣକାରବାର ଗୁଡ଼ିକର ଅନିୟମିତ ପ୍ରକାଶ ହୋଇଥିଲା ।

### 1.3.5 ଅନ୍ୟାନ୍ୟ ଅନୁପାଳନ ସମୀକ୍ଷା ପର୍ଯ୍ୟବେକ୍ଷଣ

ରାଜ୍ୟରେ ବିକ୍ରୀ ହେଉଥିବା ସମସ୍ତ ବିଦେଶରେ ପ୍ରସ୍ତୁତ ବିଦେଶୀ ମଦ, ଭାରତରେ ପ୍ରସ୍ତୁତ ବିଦେଶୀ ମଦ ଓ ୱାଇନ୍ ତଥା ପିଇବା ପାଇଁ ପ୍ରସ୍ତୁତ ପାନୀୟ ଉପରେ ସର୍ବାଧିକ ଖୁଚୁରା ମୂଲ୍ୟର 50 ପ୍ରତିଶତ ହାରରେ ସତନ୍ତ୍ର କୋଭିଡ୍ ଶୁଳ୍କ (ଏସ୍‌ସିଏଫ୍) ଧାର୍ଯ୍ୟ ନିମନ୍ତେ ଅବକାରୀ ବିଭାଗ ବିଜ୍ଞାପନ ପ୍ରକାଶ କରିଥିଲେ (ମଇ 2020), ଯାହା 24 ମାର୍ଚ୍ଚ 2020 ଠାରୁ କାର୍ଯ୍ୟକାରୀ ହୋଇଥିଲା । କୋଭିଡ୍-19 ମହାମାରୀ ପାଇଁ ଦୁଇ ମାସର ବନ୍ଦ ହେତୁ ସମ୍ଭାବ୍ୟ ଅବକାରୀ ରାଜସ୍ୱ କ୍ଷତିକୁ ଦୃଷ୍ଟିରେ ରଖି ଏହି ବିଜ୍ଞାପନ ପ୍ରକାଶ କରାଯାଇଥିଲା ।

ଅଡିଟ୍, 1,270 ଟି ମଦ ଦୋକାନର ବିକ୍ରୟ ରେଜିଷ୍ଟରଗୁଡ଼ିକ ଯାଞ୍ଚ କରି ଲକ୍ଷ୍ୟ କଲେ ଯେ, ଏସ୍‌ସିଏଫ୍‌କୁ ଏଡ଼ାଇଯିବା ପାଇଁ ଖୁଚୁରା ଦୋକାନଗୁଡ଼ିକ ବିକ୍ରି ହୋଇନଥିବା ମଦ ଷ୍ଟକ ପରିମାଣକୁ କମ୍ ଦର୍ଶାଇବା ଉଦ୍ଦେଶ୍ୟରେ ହସ୍ତ ଲିଖିତ ବିକ୍ରୟ ରେଜିଷ୍ଟରଗୁଡ଼ିକରେ ହେରଫେର କରିଥିବା ହେତୁ ସରକାର 75.07 କୋଟି ଟଙ୍କାର ରାଜସ୍ୱ ହରାଇଥିଲେ । ଅଡିଟ୍ ଲକ୍ଷ୍ୟ କଲେ ଯେ:

- ଖୁଚୁରା ଦୋକାନ ଗୁଡ଼ିକ ଦ୍ୱାରା ବ୍ରାଣ୍ଡ୍ ଓ ଆକାର ଭିତ୍ତିରେ ବିକ୍ରୟ ରେଜିଷ୍ଟର ପ୍ରଚଳନ କରାଯାଇନଥିଲା । ଖୁଚୁରା ଦୋକାନଗୁଡ଼ିକର ଭାରପ୍ରାପ୍ତ ଅବକାରୀ ଅଧିକାରୀମାନେ ଏହି ଭଳି ତଥ୍ୟଗୁଡ଼ିକର ପ୍ରଚଳନକୁ ଲାଗୁ କରିନଥିଲେ ।

- 716 ଟି ବିକ୍ରୟ ରେଜିଷ୍ଟରରେ ଲିଖିତ ତଥ୍ୟ ଗୁଡ଼ିକର ଉଲ୍ଲେଖଯୋଗ୍ୟ ସଂଶୋଧନ, ଅଧିଲିଖନ ଓ ପରିବର୍ତ୍ତନ କରାଯାଇଥିଲା । ଏହା ମଧ୍ୟରେ ସମ୍ପୂର୍ଣ୍ଣ ପରିବର୍ତ୍ତନ/ ନୂତନ ପୃଷ୍ଠା ଲଗାଇବା କିମ୍ବା ଅତ୍ୟଧିକ ଅଧିଲିଖନ/ ସଠିକ୍ ପୃଷ୍ଠାଗୁଡ଼ିକର ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇଥିବା 28 ଟି ରେଜିଷ୍ଟର ଅନ୍ତର୍ଭୁକ୍ତ ଥିଲା । ଏହିଭଳି ଅସାଧୁ କାର୍ଯ୍ୟ ସମ୍ପାଦନର ପ୍ରଭାବ ସ୍ୱରୁପ 24 ମାର୍ଚ୍ଚ 2020 ରେ ରେକର୍ଡଭୁକ୍ତ କରାଯାଇଥିବା ଅବଶିଷ୍ଟ ପରିମାଣ ସାମାନ୍ୟ ରହିଥିଲା ଓ ଏସ୍‌ସିଏଫ୍ ଜନିତ କ୍ଷତି ହୋଇଥିଲା ।

- 25 ମଇ 2020 ରେ ଖୁଚୁରା ଦୋକାନଗୁଡ଼ିକର ଭୌତିକ ଯାଞ୍ଚ କରାଯାଇଥିବା ଓ ସେହି ତାରିଖରେ ଉପଲବ୍ଧ ଭୌତିକ ଷ୍ଟକ ଭିତ୍ତିରେ ଏସ୍‌ସିଏଫ୍ ଆଦାୟ କରାଯାଇଥିବା ବିଷୟ ବ୍ୟକ୍ତ କରାଯାଇଥିଲା । ଖୁଚୁରା ଦୋକାନଗୁଡ଼ିକ ପୁନର୍ବାର ଖୋଲିବା ପୂର୍ବରୁ 24 ମାର୍ଚ୍ଚ 2020 ସୁଦ୍ଧା ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିକ୍ରୟ ରେଜିଷ୍ଟର ଗୁଡ଼ିକରୁ ଉପଲବ୍ଧ ଅବଶିଷ୍ଟ ପରିମାଣ ସଂଗ୍ରହ କରାଯାଇନଥିଲା । ଏହିପରି ଭାବରେ, ଏସ୍‌ସିଏଫ୍ ଧାର୍ଯ୍ୟ କରାଯିବା ପୂର୍ବରୁ, ବିକ୍ରୟ ରେଜିଷ୍ଟରଗୁଡ଼ିକ, ଅବକାରୀ ଅଧିକାରୀମାନଙ୍କ ଦ୍ୱାରା ସଠିକ୍ ଭାବରେ ଯାଞ୍ଚ ଓ ତଦାରଖ କରାଯାଇନଥିଲା ।

- ବିକ୍ରୟ ରେଜିଷ୍ଟରଗୁଡ଼ିକର ତ୍ରୁଟିପୂର୍ଣ୍ଣ ପ୍ରଚଳନ ଓ ଅବକାରୀ ଅଧିକାରୀମାନଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ ଅଭାବ ଦୃଷ୍ଟିରୁ, କେତେକ ପରୀକ୍ଷା ଯାଞ୍ଚ, ଖୁଚୁରା ମଦ ଦୋକାନ, ବିକ୍ରୀ ହୋଇନଥିବା ମଦ ଷ୍ଟକ ପରିମାଣକୁ କମ୍ ଦର୍ଶାଇବା ପାଇଁ ନିମ୍ନଲିଖିତ କାର୍ଯ୍ୟକଳାପରେ ସଂପୃକ୍ତ ଥିଲେ:
    - କୋଭିଡ୍ 19 ହେତୁ, 22 ମାର୍ଚ୍ଚ 2020 ରେ ଜାରି କରାଯାଇଥିବା ଜନତା କର୍ଫ୍ୟୁ ତଥା ଦୋକାନଗୁଡ଼ିକୁ ବନ୍ଦ ରଖିବା ପାଇଁ ଜାରି କରାଯାଇଥିବା ନିର୍ଦ୍ଦେଶ ତାରିଖ ଦିନ ମଧ କେତେକ ଦୋକାନ ମଦ ବିକ୍ରୀ କରିଥିଲେ ।
    - ଗୋଟିଏ ଖୁଚୁରା ଦୋକାନ ଅର୍ଥାତ୍ କଟକର ଲିଙ୍କ୍ ରୋଡ୍-3 ଅଫ୍ ସପ୍ 30 ଓ 31 ଫେବୃଆରୀ 2020 ଭଳି ତାରିଖ ବିନା 1,923 ବୋତଲ ମଦ ବିକ୍ରୀ କରିଥିବା ଦର୍ଶାଇଥିଲେ, ଯାହା ଭାରପ୍ରାପ୍ତ ଅବକାରୀ ଅଧିକାରୀଙ୍କ ଦ୍ୱାରା ମଧ ଗ୍ରହଣ କରାଯାଇଥିଲା ।
    - ନଅଟି ଖୁଚୁରା ଦୋକାନୀ ଗୋଟିଏ ଦିନରେ 20,000 ରୁ ଅଧିକ ବୋତଲର ଅସାମାନ୍ୟ ଅଧିକତର ବିକ୍ରି ରେକର୍ଡ଼ କରିଥିଲେ ।
- ବିକ୍ରୟ ରେଜିଷ୍ଟରଗୁଡ଼ିକର ହେରଫେର ମାଧମରେ ଏହିଭଳି ଅନିୟମିତ ଅତ୍ୟଧିକ ବିକ୍ରୟ ଦର୍ଶାଯିବା ହେତୁ, ଏସ୍‌ସିଏଫ୍‌ର ଧାର୍ଯ୍ୟ ଓ ଆଦାୟ ବାବଦରେ 75.07 କୋଟି ଟଙ୍କାର ଆକଳିତ କ୍ଷତି ହୋଇଥିଲା ।

***(ଅନୁଚ୍ଛେଦ 4.1)***

- ବ୍ଲେଣ୍ଡେଡ୍ ସ୍ପିରିଟ୍‌ର ଅନୁମୋଦିତ ନଷ୍ଟ ପରିମାଣ ଠାରୁ ଅଧିକ ବଟଲିଂ ନଷ୍ଟ ଦର୍ଶାଯାଇଥିବା ପରିମାଣ ଉପରେ ଅବକାରୀ ଶୁଳ୍କ ଧାର୍ଯ୍ୟ କରାନଯିବା ଫଳରେ 3.91 କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିଲା ।

***(ଅନୁଚ୍ଛେଦ 4.2)***

- ବାର୍ଷିକ ଅବକାରୀ ନୀତି ନିର୍ଦ୍ଧାରିତ ହାର ଅନୁଯାୟୀ ଆବେଦନ ଦେୟ ଓ ବାର୍ଷିକ କମ୍ପୋଜିଟ୍ ଲେବଲ୍ ପଞ୍ଜିକରଣ ଦେୟ ଯୋଗାଣକାରୀ ମାନଙ୍କ ଠାରୁ ଅସୁଲ କରାଯାଇନଥିବା ଫଳରେ 1.48 କୋଟି ଟଙ୍କାର ସ୍ୱଳ୍ପ ରାଜସ୍ୱ ଅସୁଲ କରାଯାଇଥିଲା ।

***(ଅନୁଚ୍ଛେଦ 4.3)***